## ଆକର୍ଷଣ ସାଜିବ କୃଷ୍ଣ ରାସଲୀଳା



ଠିକାଦାର ସଂଘର କର୍ମକର୍ତ୍ତାମାନେ।

**ବଆଁରପାଳ, ୧୬।୯(ଡି.ଏନ.ଏ.)**

ବିଶ୍ୱକର୍ମା ପୂଜାରେ ନାଲ୍‌କୋ ଠିକାଦାର ସଂଘ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସୁସଜ୍ଜିତ ପୂଜା ମଣ୍ଡପ ସାଙ୍ଗକୁ ମଣିପୁରୀ ଥିମରେ ବଙ୍ଗୀୟ କାରିଗରଙ୍କ ଦ୍ୱାରା ନିର୍ମିତ କୃଷ୍ଣଙ୍କ ରାସଲୀଳା ତୋରଣ ଲୋକଙ୍କୁ ଆକୃଷ୍ଟ କରିବ ବୋଲି ପୂଜା କମିଟି ସଭାପତି ରଞ୍ଜନ କୁମାର ଜେନା, ଉପଦେଷ୍ଟା ବୁଲେସ କୁମାର ଜେନା, ଅଶୋକ କୁମାର ସେଠ, ପ୍ରଭାତ ଗଡନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ସମ୍ପାଦକ ରଞ୍ଜିତ ସେଠ ଓ ସନାତନ କନର, ପ୍ରତାପ ଜେନା, ଅଶୋକ ସାହୁ, ଠିକାଦାର ସଂଘ ସଭାପତି ବିପ୍ଳବ ଜେନା, ନିରଞ୍ଜନ ମହାରଣା ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି।

### ଆଜି ପ୍ରସିଦ୍ଧ ନାଲ୍‌କୋ ବିଶ୍ୱକର୍ମା ପୂଜା

# ଝଲସୁଛି ଆଲୁମିନିୟମ ନଗରୀ

**ବଆଁରପାଳ, ୧୬।୯**
**(ଉପେନ୍ଦ୍ର ରାଉତ)**

ନାଲ୍‌କୋ ନଗରରେ ସୋମବାର ଠାରୁ ଅନୁଷ୍ଠିତ ହେଉଛି ପ୍ରସିଦ୍ଧ ବିଶ୍ୱକର୍ମା ପୂଜା। ଏଥିପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୃତାନ୍ତ ହୋଇଥିବାବେଳେ ଆଲୋକମାଳାରେ ଝଲସି ଉଠିଛି ଆଲୁମିନିୟମ ନଗରୀ। ଆକର୍ଷଣୀୟ ତୋରଣ ସାଙ୍ଗକୁ ମନଲୋଭା ସାଜସଜ୍ଜା ବେଶ୍ ଆକର୍ଷଣୀୟ ହୋଇଛି। ୭ ଦିନ ଧରି ଏହି ପୂଜା ଚାଲିବାକୁ ଥିବାବେଳେ ଚଳିତ ବର୍ଷ ପଟ୍‌ଲାଇନ, କାଷ୍ଟ ହାଉସ ଏ, କାଷ୍ଟ ହାଉସ ବି, ରୋଲିଂ ପ୍ଲାଣ୍ଟ, ରୋଡିଂ ସପ, ପିଟିଏମ ସପ, ସିଭିଲ ସିପିପି ଅପରେସନ, ନାଲକୋ ଠିକାଦାର ସଂଘ ସମେତ ବିଭିନ୍ନ ବିଭାଗ ପକ୍ଷରୁ ୨୩ ଟି ମେଢ଼ ପ୍ରସ୍ତୁତ ହୋଇଛି। ପ୍ରତିଯୋଗିତାମୂଳକ ଭାବେ ସମସ୍ତ କମିଟି ପକ୍ଷରୁ ତୋରଣ ନିର୍ମିତ ହୋଇଛି। ସ୍ଥାନୀୟ ଓ ବଙ୍ଗୀୟ କାରିଗରମାନଙ୍କ ଦ୍ୱାରା ବିଭିନ୍ନ ପୌରାଣିକ ଓ ସାମାଜିକ କଥା ବସ୍ତୁକୁ ନେଇ ମଣ୍ଡପମାନ ତିଆରି ହୋଇଛି। ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ଜଳାଶୟରୁ କଳସରେ ପାଣି ଆଣି ଘଟ ସ୍ଥାପନ କରିବେ। ଅପରାହ୍ନ ୧ଟା ମଧ୍ୟରେ ପ୍ରଭୁଙ୍କୁ ଆବାହନ କରାଯିବ। ପୂଜା ପାଇଁ ପୁରୁଣା ପୋଲିସ ପଡ଼ିଆରେ ମିନା ବଜାର, ଦୋଳି ସାଙ୍ଗକୁ ୬ଶହରୁ ଊର୍ଦ୍ଧ୍ୱ ଦୋକାନ ବଜାର ପଡିଛି। ଏଥିସହ ଦେଶର ବିଭିନ୍ନ ପ୍ରାନ୍ତରୁ କାରିଗରମାନେ ସରସ ମେଳାରେ ଜିନିଷ ପତ୍ର ବିକ୍ରି କରୁଛନ୍ତି। ଯାତ୍ରାରେ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜନ ଗହଳି ସ୍ଥାନରେ ୫ଟି ଅସ୍ଥାୟୀ ଫାଣ୍ଡି ଖୋଲାଯାଇଛି। ଅପରାଧ ରୋକିବା ପାଇଁ ସ୍ୱତନ୍ତ୍ର ଭାବେ ସିସି କ୍ୟାମରୋ ଖଞ୍ଜା ଯାଇଛି। ଏଥିସହ ୭ ପ୍ଲାଟୁନ ଫୋର୍ସ, ୪ ଇନ୍ସପେକ୍ଟର, ୧୫ ସବ୍‌ଇନ୍ସପେକ୍ଟର, ୩ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୯୨ ହୋମଗାର୍ଡଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଟ୍ରାଫିକ ବ୍ୟବସ୍ଥା ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏ ସମ୍ପର୍କରେ ନାଲ୍‌କୋ ଇଡି ରାଜ କିଶୋର ମିଶ୍ର କୁହନ୍ତି, ବିଶ୍ୱକର୍ମା ପୂଜାକୁ ନାଲ୍‌କୋବାସୀ ଗଣ ପର୍ବ ଭାବେ ପାଳନ କରନ୍ତି। ଏହି ପୂଜା ସମସ୍ତଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିଥାଏ। ପୂଜାକୁ ଲୋକେ କିଭଳି ଶାନ୍ତି ଶୃଙ୍ଖଳା ସହକାରେ ଉପଭୋଗ କରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍. ଏନ୍. ସାହୁ କୁହନ୍ତି, ଚଳିତ ବର୍ଷ ପୂଜାକୁ ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ସାଜସଜ୍ଜାକୁ ଆକର୍ଷଣୀୟ କରାଯାଇଛି। ନାଲ୍‌କୋ କର୍ମଚାରୀ ମୁନା ସାମଲ ଓ ଠିକାଦାର ସଂଘ ସମ୍ପାଦକ ରଞ୍ଜିତ ସେଠ କୁହନ୍ତି, ନାଲକୋ ବିଶ୍ୱକର୍ମା ପୂଜାର ସ୍ୱତନ୍ତ୍ର ପରିଚୟ ରହିଛି। ଏହି ପୂଜାକୁ ଧୁମଧାମ୍‌ରେ ପାଳନ କରିଥାଉ। କଲୋନୀ ସମେତ ପାରିପାର୍ଶ୍ୱିକ ଅଞ୍ଚଳରେ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗିଥାଏ।

- ୨୩ ତାରିଖ ଯାଏ ଚାଲିବ ଉତ୍ସବ
- ସୁରକ୍ଷା ଦାୟିତ୍ୱରେ ୭ ପ୍ଲାଟୁନ ଫୋର୍ସ
- ପୁରୁଣା ପୋଲିସ ପଡ଼ିଆରେ ମିନାବଜାର



ପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ।



ରାଜ କିଶୋର ମିଶ୍ର



ରଞ୍ଜିତ ସେଠ



ଏସ୍. ଏନ୍. ସାହୁ



ମୁନା ସାମଲ



ନାଲ୍‌କୋଠାରେ ବିଶ୍ୱକର୍ମା ପୂଜା ଉପଲକ୍ଷେ ନିର୍ମିତ ଏକ ମଣ୍ଡପ।

## ୯ ମଣ୍ଡପରେ ପୂଜା ପାଇବେ ଲକ୍ଷ୍ମୀ

**ବଆଁରପାଳ, ୧୬।୯(ଡି.ଏନ.ଏ.)**

ବଆଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଲକ୍ଷ୍ମୀପୂଜା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ସରପଞ୍ଚ ଶେଷଦେବ ଦେହୁରୀ ଅଧ୍ୟକ୍ଷତା କରି ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରାଯିବା ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ କୁଲାଡ଼ ଛକ ବ୍ରାହ୍ମଣୀ ସାହି ବିଗ ପଣ୍ଡ ଫ୍ରେଣ୍ଡସ କ୍ଲବ, ପ୍ରିନ୍ସ କ୍ଲବ, ସାହାରା କ୍ଲବ, ଆଲୁମିନିୟମ ହାଇସ୍କୁଲ, ବଣିକ ସଂଘ ଓ ବାବାସ କ୍ଲବ ଆଦି ୯ ଟି ମଣ୍ଡପରେ ମା'ଙ୍କୁ ଆବାହନ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉପରେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମ ସଭାପତି ଭାଗୀରଥି ଜେନା, ମୁକେଶ ଜେନା, ଜିତେନ୍ଦ୍ର ଜେନା, ବାବୁ ସାମଲ, ଦିନେସ ଜେନା, ମନୋଜ ସ୍ୱାଇଁ, ଅଭିଷେକ ଦେଓ, ସୁଶୀଲ ବିଶୋଇ, ବୁଲୁ ସ୍ୱାଇଁ, ବିଜୟ ସେଠ ପ୍ରମୁଖ ଯୋଗ ଦେଇଥିଲେ।








ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋ ସମସ୍ତ ଶ୍ରମିକ ଭାଇଭଉଣୀ ପାରିପାର୍ଶ୍ୱିକ ଗ୍ରାମବାସୀଙ୍କୁ ଶୁଭେଚ୍ଛା ଜଣାଇ ସମସ୍ତଙ୍କର ଉତ୍ତରୋତ୍ତର କାମନା କରୁଛି ।
ସ୍ୱରୁପ ଗଡ଼ନାୟକ, ସମ୍ପାଦକ, ନେପୁ

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ସମସ୍ତ ନାଲକୋବାସୀଙ୍କୁ ମୋର ଶୁଭେଚ୍ଛା ।
ସତ୍ୟବାନ ବରାହ, ସଭାପତି
ସରସ୍ୱତୀ ଶିଶୁ ମନ୍ଦିର
ପରାମର୍ଶଦାତା, ପଞ୍ଚଶ୍ରୀକ୍ଷେତ୍ର

ନାଲ୍‌କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅବସରରେ ଅନୁଗୋଳ ଜିଲାବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି । ପ୍ରଭୁ ବିଶ୍ୱ ନିର୍ମାତା ସମସ୍ତଙ୍କର ମଙ୍ଗଳ କାମନା କରନ୍ତୁ ।
ସଂଗ୍ରାମ ମିଶ୍ର, ଅନୁଗୋଳ

ପବିତ୍ର ବିଶ୍ୱକର୍ମା ଜୟନ୍ତୀ ତଥା ରାଷ୍ଟ୍ରୀୟ ଶ୍ରମଦିବସ ଉପଲକ୍ଷେ ଅନୁଗୋଳ ଜିଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ସଞ୍ଜୟ ଦେହୁରି
ସମ୍ପାଦକ, ଭାରତୀୟ ମଜଦୁର ସଂଘ

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି ।
ରମେଶ ବେହେରା
ନାଲକୋ କର୍ମଚାରୀ
କାଣ୍ଡସର

ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋ ସିପିପିର ଶ୍ରମିକ ଭାଇ ଭଉଣୀ ଓ ପାରିପାର୍ଶ୍ୱିକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି ।
ବିଭବ ଜେନା
କାର୍ଯ୍ୟକାରୀ ସଭାପତି
ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ (ଏନଏସସିୟୁ)
ଉପସଭାପତି ରାଜ୍ୟ ଯୁବ ଆଇଏନ୍‌ଟିୟୁସି

ପବିତ୍ର ବିଶ୍ୱକର୍ମା ଜୟନ୍ତୀ ତଥା ରାଷ୍ଟ୍ରୀୟ ଶ୍ରମଦିବସ ଉପଲକ୍ଷେ ନାଲ୍‌କୋନଗର ତଥା ପାରିପାର୍ଶ୍ୱିକ ଅଞ୍ଚଳର ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ବିଜୟ କୁମାର ସାହୁ, ନାଲକୋ କର୍ମଚାରୀ

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ମାନଙ୍କୁ ଶୁଭେଚ୍ଛା ଜଣାଉଛୁ ।
ବିଭୂତି ଶତପଥୀ
ଯୁଗ୍ମ ସାଧାରଣ ସମ୍ପାଦକ
ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ (ଏନଏସସିୟୁ)
ପରେଶ ଚନ୍ଦ୍ର ଜେନା
ସାଧାରଣ ସମ୍ପାଦକ
ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ (ଏନଏସସିୟୁ)

NALCO SHRAMIK CONGRESS UNION
ଶ୍ରମିକ ଭବନ SHRAMIK BHAWAN
ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ମାନଙ୍କୁ ଶୁଭେଚ୍ଛା ଜଣାଉଛୁ ଓ ସମସ୍ତଙ୍କର ମଙ୍ଗଳ କାମନା କରୁଛୁ ।
ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ

ବିନୋଦ ବିହାରୀ ସେଠ
ସଭାପତି
ମାର୍ଶିଲାଲ ସାମଲ
ସାଧାରଣ ସମ୍ପାଦକ
ନାଲ୍‌କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅବସରରେ ନେପୁ ପକ୍ଷରୁ ନାଲକୋବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛୁ ।

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି ।
ମୁନା ସାମଲ
ସଭାପତି, ବହୁମୁଖୀ କର୍ମଚାରୀ ସମିତି
ବରିଷ୍ଠ ଯୁବ ଶ୍ରମିକନେତା

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ସମସ୍ତ ଶ୍ରମିକ ଭାଇଭଉଣୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି ।
ମଣି ରଞ୍ଜନ ପଟ୍ଟନାୟକ
ପ୍ରବନ୍ଧକ, ନାଲକୋ ଇଷ୍ଟେଟ ବିଭାଗ

With Best Compliments from
Indfab
MSME Engineering Unit
FCI Road.NalcoNagar.Angul.Odisha
Pin:759145

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋର ପଟଲାଇନ୍ ପୂଜା କମିଟି ତରଫରୁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛୁ ।

ଭରତ ଚନ୍ଦ୍ର ମାଝୀ
ସହ ସାଧାରଣ ସମ୍ପାଦକ
ନିର୍ମଳ ଶତପଥୀ
ସାଧାରଣ ସମ୍ପାଦକ
ନାଲ୍‌କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅବସରରେ ଏନ୍.ଏନ୍.ଇ.ୟୁ ପକ୍ଷରୁ ନାଲକୋବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛୁ ।

ଚଳିତ ବିଶ୍ୱକର୍ମା ଜୟନ୍ତୀ ଅବସରରେ ସମସ୍ତ କର୍ମଚାରୀ ଓ ଅଞ୍ଚଳବାସୀଙ୍କୁ ଏମ୍‌ଏସ୍ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ସ୍ୱୀକୃତିପ୍ରାପ୍ତ ସଙ୍ଗଠନ
ଆଲୁମିନିୟମ ମଜଦୁର ସଂଘ

## ସଂକ୍ଷେପରେ

### ଘଣ୍ଟାଏ ଧରି ଉଡ଼ିଲା ପାଉଁଶ

କଣିହାଁ,୧୬।୯(ଡି.ଏନ.ଏ.)- କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର ଆଶପଣ୍ଡରୁ ରବିବାର ଅପରାହ୍ଣରେ ଝଡ଼ପବନ ଯୋଗୁ ପାଉଁଶ ଉଡ଼ିଥିଲା। ଅପରାହ୍ଣ ୩ ଟାରୁ ୪ ଯାଏ ମଶୁଣିହତା, ବଡ଼ହୀରା, ଭୂଇଁପୁର, ଡେରଙ୍ଗ, ବାଲିପଟ୍ଟା, କଣ୍ଟେଇନାଳୀ, କାକୁଡ଼ିଆ ଆଦି ଗ୍ରାମକୁ ପାଉଁଶ ଉଡ଼ିଥିଲା। ଏହି ସମୟରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ପ୍ରଦୂଷଣ ଯୋଗୁ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇପଡିଥିଲେ। ପରେ ୪ଟାରେ ବର୍ଷା ହେବାକ ଯୋଗୁ ପାଉଁଶ ଉଡ଼ା ବନ୍ଦ ହୋଇଥିଲା। ଅନେକ ଲୋକଙ୍କ ଘରେ ପାଉଁଶ ଉଡି ପଶିବା ଯୋଗୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ ପକ୍ଷରୁ ଏହାର ସମାଧାନ କରାଯିବାକୁ ଦାବି ହୋଇଛି।

### ଇଞ୍ଜିନିୟର୍ସ ଡେ ପାଳିତ

କଣିହାଁ, ୧୬।୯(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମର ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଯନ୍ତ୍ରୀଙ୍କ ତରଫରୁ ଶନିବାର ସନ୍ଧ୍ୟାରେ ଇଞ୍ଜିନିୟର୍ସ ଡେ ପାଳିତ ହୋଇଯାଇଛି। ଅଫିସର୍ସ କ୍ଲବରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଗମର ବରିଷ୍ଠ ପରିଚାଳନା ଯନ୍ତ୍ରୀ ସମରେନ୍ଦ୍ର ନାଥ ଦାସ, ବକ୍ତା ଭାବେ ଓଏଚ୍‌ପିସି ସର୍ଭିସ ଆସୋସିଏଶନର ସଭାପତି ରୁଦ୍ର ମୋହନ ନାୟକ ଯୋଗ ଦେଇଥିଲେ। ଯନ୍ତ୍ରୀଙ୍କ ମାର୍ଗ ଦର୍ଶକ ବିଶ୍ୱେଶର ରଏଙ୍କ ଆଦର୍ଶରେ କର୍ମମୟ ଜୀବନ ନିର୍ବାହ କରିବା ସହିତ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କ୍ଲବ ସମ୍ପାଦକ ସନ୍ଦୀପ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଡ୍ୟାମରେ କାର୍ଯ୍ୟରତ ଓଏଚ୍‌ପିସି ବିଭାଗର ଯନ୍ତ୍ରୀମାନେ 'ଯେ ପାଞ୍ଚେ ପରର ମନ୍ଦ ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ' ନାଟକରେ ଅଭିନୟ କରି କଳା ପାରଦର୍ଶିତା ଦେଖାଇଥିଲେ। କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକମାନେ ସହଯୋଗ କରିଥିଲେ।

### ମା', ଝିଅଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୬।୯(ଡି.ଏନ.ଏ.)- ଠାକୁରଗଡ଼ ଥାନା କୁତୁଲିସିଙ୍ଗା ଗ୍ରାମର ଗୋଲାପ ସିଂ ଓ ତାଙ୍କ ମା'ଙ୍କୁ ଗୋଲାପଙ୍କ ଭାଇ ମକରନ୍ଦ ରାଉତ ଓ ଭାଉଜ ନର୍ମଦା ରାଉତ ମିଶି ମାଡ଼ ମାରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗୋଲାପ ତାଙ୍କ ବାପ ଘରକୁ ବୁଲିବାକୁ ଆସିଥିଲେ। ଗୋଲାପଙ୍କ ମା' ନର୍ମଦାଙ୍କୁ ଖାଇବାକୁ ମାଗିବାରୁ ନର୍ମଦା ଏକ ପଥରରେ ଆକ୍ରମଣ କରିଥିଲେ। ଗୋଲାପ ଏହାର ପ୍ରତିବାଦ କରିବାରୁ ନର୍ମଦା ଓ ମକରନ୍ଦ ଦୁହେଁ ମିଶି ଗୋଲାପ ଓ ତାଙ୍କ ମା'ଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ଶାର୍ଟ ଓ ଟୋପି ବଣ୍ଟନ

କଣିହାଁ,୧୬।୯(ଡି.ଏନ.ଏ.)- କଣିହାଁ ବ୍ଲକ ସମଲଠାରେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ପାଲଲହଡ଼ା ବିଧାୟକ ମହେଶ ସାହୁ ଏଥିରେ ଯୋଗଦେଇ କଣିହାଁ ବ୍ଲକରେ କାର୍ଯ୍ୟରତ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ସାର୍ଟ ଓ ଟୋପି ବଣ୍ଟନ କରିଥିଲେ। ପରେ ଜନ ସାଧାରଣଙ୍କ ସମସ୍ୟାକୁ ବୁଝିବା ସହିତ ସମାଧାନ କ୍ଷେତ୍ରରେ ବିଜୁ ଯୁବ ବାହିନୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ବୈଠକରେ ବହୁ ବିଜୁ ପ୍ରେମୀଙ୍କ ସମେତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ଦଳକୁ ମଜବୁତ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା।

### ଦଶହରା ପାଇଁ ମାଟି ଅନୁକୂଳ

ଛେଣ୍ଡିପଦା,୧୬।୯(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ତଳସାହି ଦଶହରା ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ଯଥାବିଧି ପୂଜା କରାଯାଇ ମା' ଦୁର୍ଗାଙ୍କ ପ୍ରତିମା ତିଆରି ପାଇଁ ମାଟି ସଂଗ୍ରହ କରାଯାଇଥିଲା। ପୂଜା କମିଟି ପକ୍ଷରୁ ପରମାନନ୍ଦ ସାହୁ, ବୀରବର ବାରିକ, ଶ୍ରୀଧର ସାହୁ, ଦାଶରଥି ସାହୁ, ସମୀର ସାହୁ, କାଳିଚରଣ ସାହୁ, ମାନସ ସାହୁ, ଜନ୍ମେଶ୍ୱର ସାହୁ, ଶିଖର ସାହୁ, ପୂଜକ ପ୍ରଭାକର ତ୍ରିପାଠୀ, ଗଙ୍ଗାଧର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ■ପରିବାର ପେଟ ପାଇଁ ଜୀବନ ସହ ଜୁଆ

# ବାଘ ଖାଉ, ଭୋକ ନ ଖାଉ

(ଦିନେଶ ଦେହୁରୀ)
ବନ୍ତଲା, ୧୬।୯


ଜଙ୍ଗଲରୁ ପତ୍ରତୋଳି ତରଭାର ମହିଳାମାନେ ଫେରୁଛନ୍ତି।

- ■ସୁନ୍ଦରୀ ଯୋଗୁ ସବୁ କାମ ଠପ୍
- ■୧୦ ଦିନରେ ସରିଯାଉଛି ୧ ଟଙ୍କିଆ ଚାଉଳ
- ■ବାକି ୨୦ ଦିନ ଚଳିବାକୁ ଯିବାକୁ ପଡ଼ୁଛି ଜଙ୍ଗଲ

ସାତକୋଶିଆରେ ସୁନ୍ଦରୀ ଆତଙ୍କ। ଖୋଲାମେଲାରେ ବୁଲୁଛି ବାନ୍ଧବଗଡ଼ର ବାଘୁଣୀ। କେତେବେଳେ ୱାଚରଙ୍କୁ ଆକ୍ରମଣ କରୁଛି ତ କେବେ ପୁଣି ନାଳ କୂଳରୁ ଟାଣି ନେଉଛି ମଣିଷଙ୍କୁ। ସୁରକ୍ଷା ଦେବାରେ ବନ ବିଭାଗର ବିଫଳତା ପାଇଁ ଏବେ ବିପଦରେ ଗୋରୁଠାରୁ ମଣିଷ ଯାଏ ସବୁରି ଜୀବନ। କାମ କାର୍ଯ୍ୟ ସବୁ ଠପ୍ ହୋଇଯାଇଥିବା ବେଳେ ଠେଙ୍ଗା ଧରି ଗାଁ ଜଗୁଛନ୍ତି ଲୋକେ। ତଥାପି ପେଟ ପାଇଁ ଏଠି ଚାଲିଛି ସଂଘର୍ଷ। ସରକାର ଦେଉଥିବା ଟଙ୍କିକିଆ ଚାଉଳ ୧୦ ଦିନରେ ସରିଯାଉଥିବାରୁ ଜଙ୍ଗଲରେ ଜୀବନ ସହ ଜୁଆ ଖେଳୁଛନ୍ତି ଅଭୟାରଣ୍ୟର ଗରିବ ଅଧିବାସୀ। ବାଘ ଭୟଠାରୁ ଭୋକର ଜ୍ୱାଳା ବଳିଯାଉଥିବାରୁ ବିପଦ ଜାଣି ବି ସେମାନେ ସତର୍କତାର ସବୁ ଲକ୍ଷ୍ମଣ ରେଖା ଡେଇଁ ସଂଗ୍ରହ କରୁଛନ୍ତି ବନଜାତ ଦ୍ରବ୍ୟ।

ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ପୁରୁଣାକୋଟ ଥାନା ଜଗନ୍ନାଥପୁର ପଞ୍ଚାୟତ ତରଭା ଗ୍ରାମବାସୀ ଏବେ ଏଭଳି ସଙ୍କଟ ଦେଇ ଗତି କରୁଛନ୍ତି। ଗାଁ ଚାରିପଟ ଜଙ୍ଗଲରେ ବାଘୁଣୀ ଭୟ ଛାଇ ଭଳି ଲାଗି ରହିଥିବା ସତ୍ତ୍ୱେ ସେମାନେ ବାଧ୍ୟ ହେଉଛନ୍ତି ଜଙ୍ଗଲ ମଧ୍ୟକୁ ଯିବାକୁ। ସେମାନଙ୍କ କହିବା କଥା, ବାଘ ଖାଇଲେ ଜଣକୁ ଖାଇବ, କିନ୍ତୁ ଭୋକ ଖାଇଲେ ପୂରା ପରିବାରକୁ ଖାଇବ। ସେଥିପାଇଁ ଗୋଷ୍ଠୀ ହୋଇ ଜଙ୍ଗଲକୁ ଯାଇ ପତ୍ର ସଂଗ୍ରହ କରିବାକୁ ପଡୁଛି। ଜଣେ ମଣିଷକୁ ମାରି ସାରିଥିବାରୁ ବାଘୁଣୀକୁ ନେଇ ଗାଁ ଲୋକେ ଭୟଭୀତ ଅଛନ୍ତି। ବନ ବିଭାଗ କର୍ମଚାରୀମାନଙ୍କୁ ଦେଖିବା ମାତ୍ରେ ସେମାନେ ଅଧିକ ଭୟ ପାଉଛନ୍ତି। ସୁନ୍ଦରୀ ଗାଁ ନିକଟକୁ ଆସିଯାଇଛି ଭାବି ସେମାନେ କର୍ମଚାରୀ, ୱାଚରକୁ ବାରମ୍ବାର ପଚାରୁଛନ୍ତି। ଏତେ ଭୟ ଥିଲେ ବି ଏଠାରେ ବାସ କରୁଥିବା ଅଧାରୁ ଅଧିକ କନ୍ଧ ସମ୍ପ୍ରଦାୟର ଲୋକେ ଜଙ୍ଗଲକୁ ନ ଗଲେ ନ ଚଳେ। ସେମାନେ ବନ ବିଭାଗ ଉପରେ ନିର୍ଭର କରି ଚଳିଆସୁଛନ୍ତି। ବନ ବିଭାଗ ଯାହା କାମ ଦିଏ ସେମାନେ କରନ୍ତି। କିନ୍ତୁ ବାଘ ପାଇଁ ଏବେ ବିଭାଗର ସବୁ କାମ ବନ୍ଦ ହୋଇଯାଇଛି। ବାହାରକୁ ଯାଇ କାମ କରିବାକୁ ମଧ୍ୟ ଅଧିକାଂଶ ସମୟରେ ବାରଣ କରାଯାଉଛି। ତେଣୁ ପରିବାର ପୋଷିବାର ଅନ୍ୟ ଉପାୟ ନ ଥିବାରୁ ଲୋକେ ଜଙ୍ଗଲକୁ ଯାଇ ପତ୍ର, ମହୁ, ଝୁଣା ସଂଗ୍ରହ କରୁଛନ୍ତି। ସେସବୁ ବଜାରରେ ବିକି ଯେତିକି ଅର୍ଥ ଆଣୁଛନ୍ତି ସେଥିରେ ପରିବାରର ପେଟ ପୋଷୁଛନ୍ତି। ସରକାରଙ୍କଠାରୁ ୧ ଟଙ୍କିଆ ଚାଉଳ ମିଳୁଥିଲେ ବି ତାହା ୧୦ ଦିନ ଯାଉଛି। ତେଣୁ ବାକି ୨୦ ଦିନ କେମିତି ଚଳିବୁ ବୋଲି ସ୍ଥାନୀୟ ଅଧିବାସୀମାନେ ପ୍ରଶ୍ନ କରିଛନ୍ତି।



ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ତାଳଚେର, ୧୬।୯(ନି.ପ୍ର)

ତାଳଚେର ସାର କାରଖାନାର ପୁନରୁଦ୍ଧାର ହେବ। ଏଥିପାଇଁ ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେର ଗସ୍ତରେ ଆସି ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ରବିବାର ଏ ନେଇ ତାଳଚେର ଏଫ୍‌ସିଆଇଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଗେଲ ଇଣ୍ଡିଆ, କୋଲ ଇଣ୍ଡିଆ, ରାଷ୍ଟ୍ରୀୟ କେମିକାଲସ ଏଣ୍ଡ ଫର୍ଟିଲାଇଜର, ତାଳଚେର ଫର୍ଟିଲାଇଜର ଲିମିଟେଡର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ସଭାସ୍ଥଳ, ରାସ୍ତାଘାଟ, ହେଲିପ୍ୟାଡ ବୁଲି ଦେଖିଥିଲେ। ଏହାପରେ ଏଫ୍‌ସିଆଇଠାରେ ଥିବା ଦଳୀୟ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବରେ ଯୋଗଦେଇ ତାଳଚେରରେ ପ୍ରସ୍ତାବିତ ୯୭୮୫ କୋଟି ଟଙ୍କା ବ୍ୟୟରେ ଥର୍ମାଲ ପ୍ଲାଣ୍ଟ ସମ୍ପ୍ରସାରଣରେ ରାଜ୍ୟ ସରକାର ବାଧା ନ ଦେଇ ସହଯୋଗ କରିବାକୁ କହିଥିଲେ। ଖୁବଶୀଘ୍ର ଢେଙ୍କାନାଳ ଓ ଅନୁଗୋଳକୁ ପାଇପ ଯୋଗେ ଗ୍ୟାସ ଯୋଗାଣ ନିଷ୍ପତ୍ତି ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ମିଶ୍ରଣ ପର୍ବରେ ତାଳଚେର ଅଞ୍ଚଳରୁ ବିଜେଡି ଓ କଂଗ୍ରେସ ଦଳରୁ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଜିଲା ସଭାପତି ଭାଗୀରଥି ପ୍ରଧାନ, ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମୂର୍ତ୍ତି ବିସର୍ଜନବେଳେ ବୁଡ଼ିଗଲେ ଛାତ୍ର

ଛେଣ୍ଡିପଦା,୧୬।୯(ସ୍ୱ.ପ୍ର.)

ଗଣେଶ ମୂର୍ତ୍ତି ବିସର୍ଜନବେଳେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଗ୍ରାମର ଜଣେ ଛାତ୍ରଙ୍କ ପୋଖରୀରେ ବୁଡ଼ି ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ନିଶା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଚନ୍ଦନ ପରିଡା। ବିଦ୍ୟାଳୟରେ ଗଣେଶ ପୂଜା ଭସାଣି ଉତ୍ସବ ଚାଲିଥିବାବେଳେ ଏହି ଅଘଟଣ ଘଟିଛି। ଏ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଘଟଣା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ପରିବାର।

ଘଟଣାରୁ ଜଣାପଡ଼ିଛି, ନିଶା ଉଚ୍ଚ ବିଦ୍ୟାଳୟରେ ରବିବାର ଗଣେଶ ପୂଜା ଭସାଣି ଚାଲିଥିଲା। ୨ ଜଣ ଶିକ୍ଷକ ଏବଂ କେତେଜଣ ଛାତ୍ର ଗଣେଶ ମୂର୍ତ୍ତି ଧରି ଖଣ୍ଡରାବାହାଳ ପୋଖରୀକୁ ବିସର୍ଜନ ପାଇଁ ଯାଇଥିଲେ। ସେଠାରେ ଚନ୍ଦନ ମୂର୍ତ୍ତି ଧରି ପୋଖରୀକୁ ବିସର୍ଜନ ପାଇଁ ପଶିଥିବାବେଳେ ବୁଡ଼ି ଯାଇଥିଲେ। ଘଟଣା ପରେ ଉପସ୍ଥିତ ଛାତ୍ର ଓ ଶିକ୍ଷକ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଚନ୍ଦନଙ୍କୁ ଉଦ୍ଧାର କରି ନିଶା ପୋଲିସ ସହାୟତାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦୁଇ ଶିକ୍ଷକ ନିଲମ୍ବିତ, ମେଡିକାଲରେ ଉତ୍ତେଜନା

ଅନୁଗୋଳ ଅଫିସ, ୧୬।୯- ଏହି ଘଟଣାରେ ଛେଣ୍ଡିପଦା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ନିଲମ୍ବିତ କରିଛନ୍ତି। ସେହିପରି ଗାଁର ଅନ୍ୟ ଜଣେ ଠିକା ଶିକ୍ଷକ ଦିଲୀପ ସାହୁଙ୍କୁ ମଧ୍ୟ ନିଲମ୍ବିତ କରାଯାଇଥିବା ଜିଲା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି ନଂ ୪୯୦୦ରୁ ଜଣାପଡ଼ିଛି। ତୁରନ୍ତ ହାଡ଼ିବନ୍ଧୁ ସାୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଚିଠି ନଂ. ୧୦୩୬ରେ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦୁଇ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଥିଲା। ଏପରିକି ମୃତକଙ୍କ ସମ୍ପର୍କୀୟ ମେଡିକାଲ ପରିସରରେ ଉପସ୍ଥିତ ଉକ୍ତ ବିଦ୍ୟାଳୟର ଶିକ୍ଷକଙ୍କୁ ମାଡ଼ ମାରିଥିବା ଦେଖିବାକୁ ମିଳିଥିଲା।

## ଡ୍ରେନ ନାହିଁ, ରାସ୍ତାରେ ଜମୁଛି ପାଣି

ଛେଣ୍ଡିପଦା,୧୬।୯ (ସ୍ୱ.ପ୍ର.)

ଛେଣ୍ଡିପଦା ରାଜ୍ୟ ରାଜପଥରୁ ଜରପଡା ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବାଲିପଟା ଗ୍ରାମ ରାସ୍ତାରେ ଦୀର୍ଘ ଦିନ ହେଲା ପାଣି ଜମିରହିଛି। ଅନୁଗୋଳ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାପାର୍ଶ୍ୱରେ ଡ୍ରେନ ନିର୍ମାଣ ହେଉ ନ ଥିବାରୁ ପାଣି ନିଷ୍କାସନ ହୋଇପାରୁ ନ ଥିବା ନେଇ ଅସନ୍ତୋଷ ଦେଖାଦେଇଛି। ଫଳରେ ଏହି ରାସ୍ତାରେ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ କୁହନ୍ତି, ରାସ୍ତାକାମ ଚାଲିଥିଲା ବେଳେ ଜାଗା ଛାଡି ନ ଥିବାରୁ ଡ୍ରେନ ନିର୍ମାଣ ହୋଇପାରିନାହିଁ। ଲୋକେ ରାସ୍ତା ପାର୍ଶ୍ୱରେ କିଛି କିଛି ଜାଗା ଛାଡିଲେ ଡ୍ରେନ ନିର୍ମାଣ କରାଯିବ। ଏ ନେଇ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚିଳ ଖମାରୀ କୁହନ୍ତି, ବାଲିପଟା ପଞ୍ଚାୟତ ପ୍ରତିନିଧି ଓ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ଡ୍ରେନ ନିର୍ମାଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ।


ବୈଠକରେ ଯୋଗଦେଇଥିବା କମିଟି କର୍ମକର୍ତ୍ତା, ସଦସ୍ୟ ଓ ଅନ୍ୟମାନେ।

# ବଢୁଥିବା ପ୍ରଦୂଷଣ ନେଇ ଉଦ୍‌ବେଗ

ତାଳଚେର,୧୬।୯(ନି.ପ୍ର.)

ତାଳଚେର ଉପଖଣ୍ଡରେ ବଢୁଥିବା ପ୍ରଦୂଷଣ ରୋକିବା ପାଇଁ ପରିବେଶ ଓ ଜନଜୀବନ ସୁରକ୍ଷା କମିଟି ତାଳଚେର ପକ୍ଷରୁ ହାଣ୍ଡିଧୂଆଁ ସାହେବ କୋଠିଠାରେ ସଚେତନ ନାଗରିକମାନଙ୍କ ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁରେଶ ଚନ୍ଦ୍ର ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ତାଳଚେରର ସମସ୍ତ ଅଞ୍ଚଳ ଧୂଳି, ଧୂଆଁ, ପାଉଁଶ ଏବଂ ବର୍ଜ୍ୟବସ୍ତୁରେ ପ୍ରଦୂଷିତ ହେଉଥିବାରୁ ଏହାକୁ ନେଇ ବୈଠକରେ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ଏଠାରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିଲେ ହେଁ ତାଳଚେରକୁ ଅଣଦେଖା କରି ଚାଲିଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରାଇବାରେ ସରକାର ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଅବହେଳାକୁ ବୈଠକରେ ନିନ୍ଦା କରାଯାଇ ଥିଲା। ସେହିପରି ପ୍ରଦୂଷଣ ରୋକିବା ପାଇଁ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମେଡିକାଲ କଲେଜକୁ ୨୦୧୯-୨୦ ବର୍ଷରୁ କାର୍ଯ୍ୟକ୍ଷମ କରିବା ଓ ତାଳଚେର ଅଞ୍ଚଳକୁ ପ୍ରଦୂଷଣମୁକ୍ତ କରିବା ଦାବି ନେଇ ଆସନ୍ତା ୨୨ରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ନୃସିଂହ ଚରଣ ଗୋଛାୟତ, ରାଜକିଶୋର ସାହୁ, ବାଉରୀବନ୍ଧୁ ବେଜ, ଜୟସେନ ମହେର, ପଠାଣି ବାରିହା, ପଦ୍ମଚରଣ ସାମଲ, ସୁରେଶ ଚନ୍ଦ୍ର ସାମଲ, ମାନସୀ ସ୍ୱାଇଁ, ମନୋଜ ବେହେରା, ବୃନ୍ଦାବନ ସାହୁ, ପ୍ରହଲାଦ ସାହୁ, ଉଛବ ପଟ୍ଟନାୟକ, ଅକ୍ରୂର ସାହୁଙ୍କ ସମେତ ବହୁ ସଚେତନ ନାଗରିକ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ ପକ୍ଷରୁ ଇଞ୍ଜିନିୟର୍ସ ଦିବସ

ଅନୁଗୋଳ ଅଫିସ, ୧୬।୯

ରୋଟାରୀ କ୍ଲବ ଅନୁଗୋଳ ରୟାଲ ପକ୍ଷରୁ ଶନିବାର ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଗୋଳ ସ୍ଥିତ ନାଲ୍‌କୋ ଆଲୁମିନିୟମ କାରଖାନାର ଏଜିଏମ୍ ନାରାୟଣ ରଥଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସଭାପତି ଡାକ୍ତର ପ୍ରଭାତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନିବନିଯୁକ୍ତ ସଭାପତି ବିଶ୍ୱଜିତ ପଟ୍ଟନାୟକ, ଅମ୍ବିକା ପ୍ରସାଦ ସାହୁ, ଅଶୋକ ମାଣ୍ଡୋଠିଆ, ମିଲନ କୁମାର ଅଗ୍ରୱାଲା, ଡା. ମାଇକେଲ ଜନ୍, ରାକେଶ ସାରଳିଆ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କ୍ଲବ ତରଫରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ନାରାୟଣ ରଥ ଧନ୍ୟବାଦ ଜ୍ଞାପନ କରିଥିଲେ।


ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

## ■ବିଜୁ ଯୁବ ବାହିନୀ ପ୍ରଶିକ୍ଷଣ କର୍ମଶାଳା

# ସମାଜସେବାରେ ସାମିଲ ହେବାକୁ ଆହ୍ୱାନ




ଆଠମଲ୍ଲିକ,୧୬।୯(ଡି.ଏନ.ଏ.)

ଆଠମଲ୍ଲିକ ମାନଜୋର ଜଳସେଚନ ପ୍ରକଳ୍ପ ନିକଟସ୍ଥ ପଡିଆରେ ରବିବାର ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଯୁବ ବାହିନୀ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା କହିଲେ, ସମାଜସେବାରେ ନିଜକୁ ସାମିଲ କରିବା ପାଇଁ ବିଜୁ ଯୁବ ବାହିନୀ ଏକ ମାଧ୍ୟମ। ଯୁବକମାନଙ୍କୁ ସଶକ୍ତ କରି ରାଜ୍ୟର ମଙ୍ଗଳ ସାଧନ ଏହାର ମୂଳ ଲକ୍ଷ୍ୟ। ଏହି ସଙ୍ଗଠନର ସଦସ୍ୟମାନେ ସମାଜର ଦାୟିତ୍ୱ ନେବାକୁ ଆଗେଇ ଆସିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଆଠମଲ୍ଲିକ ବିଧାୟକ ସଞ୍ଜୀବ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଜୁ ଯୁବ ବାହିନୀର ଆଠମଲ୍ଲିକ କୋଅର୍ଡିନେଟର ନିରଞ୍ଜନ ହୋତା, ଆଠମଲ୍ଲିକ ଏନ୍‌ଏସି କୋଅର୍ଡିନେଟର ଗୌରଶଙ୍କର ଥାଟି, ଅନୁଗୋଳ ବ୍ଲକ କୋଅର୍ଡିନେଟର କୁନା ପ୍ରଧାନ ପ୍ରମୁଖ ବିଜୁ ଯୁବ ବାହିନୀ ସମ୍ପର୍କରେ ଆଲୋଚନା କରିଥିଲେ। ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ରାମଚନ୍ଦ୍ର ମହାକୁଡ, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, ପୁରନ୍ଦର ମହାଖୁଡ, ସୁନୀଲ ପଣ୍ଡା, ସରପଞ୍ଚ ଉପେନ୍ଦ୍ର କର୍ଣ୍ଣ, ସମିତି ସଭ୍ୟ କିଶୋର ଛନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାଧପୁର ସରପଞ୍ଚ ଗଣେଶ୍ୱର ଜେନା, ସତ୍ୟବ୍ରତ ପ୍ରଧାନ ବିଜେଡିରେ ଯୋଗ ଦେଇଥିଲେ। ନିରଞ୍ଜନ ହୋତା ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଇଣ୍ଡା,୧୬।୯(ଡି.ଏନ.ଏ.)

କିଶୋରନଗର ବ୍ଲକ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଦେଇ ଗତି କରୁଛି। ଏଠାରେ ୭ ଡାକ୍ତର ବଦଳରେ ମାତ୍ର ୨ ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି। ଫଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ତୁରନ୍ତ ଖାଲି ପଡ଼ିଥିବା ୫ ଡାକ୍ତରୀ ପଦବୀ ପୂରଣ କରିବା ପାଇଁ କିଶୋରନଗର ବ୍ଲକ ବିଜେଡି ଯୁବ ବାହିନୀ ପକ୍ଷରୁ ଏକ ଦାବିପତ୍ର ଅନୁଗୋଳ ଗସ୍ତରେ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କୁ ରବିବାର ପ୍ରଦାନ କରାଯାଇଛି। ବ୍ଲକ ପାଣ୍ଡୁରୀ ପଥର ସ୍ଥିତ ନାରାୟଣ ଆଇଟିଆଇ ନିକଟରେ ବ୍ଲକ ବିଜେଡି ସଭାପତି ପ୍ରବୋଧ ବେହେରା, ବୃଷଭ ସ୍ୱାଇଁ, କୁମୁଦ ଚନ୍ଦ୍ର ପ୍ରଧାନ, ସଞ୍ଜୟ ପ୍ରଧାନ, ସୁନୀଲ ପ୍ରଧାପ ପ୍ରମୁଖ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୦ଟି ପଞ୍ଚାୟତର ଲୋକେ ନିର୍ଭର କରୁଥିବାବେଳେ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଉନି। ଡାକ୍ତର ନିଯୁକ୍ତି ନାଇଁ ଜିଲା ପ୍ରଶାସନ ସମେତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଗ୍ରାମାଞ୍ଚଳରେ ପଦଯାତ୍ରା କରିବ ମିଳିତ ମଞ୍ଚ

**ଢେଙ୍କାନାଳ ଅଫିସ, ୧୬।୯**

ରାଜ୍ୟସଂଘର ଆହ୍ୱାନକ୍ରମେ ଶିକ୍ଷକ ଓ କର୍ମଚାରୀଙ୍କ ମିଳିତ ମଞ୍ଚ ପକ୍ଷରୁ ଢେଙ୍କାନାଳ ଜିଲାର ଗ୍ରାମାଞ୍ଚଳରେ ସୋମବାରଠାରୁ ସରକାରୀ ନୀତି ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ବୁଧବାର ଯାଏ ଚାଲିବ । ପ୍ରତି ବ୍ଲକରେ କାର୍ଯ୍ୟରତ ବ୍ଲକଗ୍ରାଣ୍ଟ ଶିକ୍ଷକ, କର୍ମଚାରୀ ଏବଂ ଅଧାପକମାନେ ଶୋଭାଯାତ୍ରାରେ ଯୋଗଦେଇ ଆନ୍ଦୋଳନକୁ ସଫଳ କରିବାକୁ ଜିଲା ଷ୍ଟିୟରିଂ କମିଟି ପକ୍ଷରୁ ଆହ୍ୱାନ କରାଯାଇଛି। ଦାବିପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଜିଲା କମିଟି ସଂଯୋଜକ ବିଭୂତି ସାମଲ, ଓଷ୍ଟା ସମ୍ପାଦକ ଅକ୍ଷୟ ସାହୁ, ୬୬୨ବର୍ଗ କଲେଜ ସଂଘ ସଭାପତି ବିଜୟ ପଟ୍ଟନାୟକ, ରାଜ୍ୟ ଉପସଭାପତି ସମୀର ସାହୁ, ପ୍ରଭାତ ସାମଲ, ପ୍ରଦୀପ ମିଶ୍ର, ଶ୍ରୀକାନ୍ତ ଚିନ୍ନାରା, ମିତ୍ରଭାନୁ ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ଶତାଧିକ ସ୍କୁଲରେ ପାଠପଢ଼ା ବ୍ୟାଘାତ ହୋଇଛି।

### ବିକେଏମ୍‌ୟୁର ଜିଲା ପରିଷଦ ବୈଠକ

**ଢେଙ୍କାନାଳ ଅଫିସ,୧୬।୯**

ଢେଙ୍କାନାଳ ଜିଲା ଭାରତୀୟ କ୍ଷେତ ମଜଦୁର ୟୁନିୟନ ଶାଖା (ବିକେଏମ୍‌ୟୁ) ପକ୍ଷରୁ ଜିଲା ପରିଷଦ ବୈଠକ ଯାଉଁଳି ପୋଖରୀ ମଠରେ ଅନୁଷ୍ଠିତ ହୋଇଯାଇଛି। ଜମେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ସମ୍ପାଦକ ରବି ରଥ ବିବରଣୀ ପାଠ କରିଥିଲେ। ଆସନ୍ତା ୩୦ ତାରିଖରେ ଷଷ୍ଠ ଜିଲା ସମ୍ମିଳନୀ ଶିକ୍ଷକ ଭବନରେ ଅନୁଷ୍ଠିତ ହେବ। ଏଥି ପାଇଁ ଗଠିତ ଅଭ୍ୟର୍ଥନା କମିଟି ଅଧକ୍ଷ ଭାବେ ପୁରୁଷୋତ୍ତମ ନାୟକଙ୍କୁ ଚୟନ କରାଯାଇଛି। ଓଡ଼ାପଡ଼ାରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଶୋଚନୀୟ ଗ୍ରାମ୍ୟ ରାସ୍ତା ପ୍ରମୁଖ ଦାବି ଉପସ୍ଥାପନ କରାଯାଇଥିଲା। ବୈଠକରେ ପ୍ରଫୁଲ୍ଲ ନାୟକ, ସୁରେଶ ବେହେରା, ଜୟରାମ ସେଠୀ, ସୁଲୋଚନା ନାୟକ, ପାର୍ବତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଗାପ୍ରସାଦକୁ ରାଜସ୍ୱ ମୌଜା ମାନ୍ୟତା ଦାବି

**ଢେଙ୍କାନାଳ ଅଫିସ, ୧୬।୯**

ରାଜସ୍ୱ ମୌଜା ମାନ୍ୟତା ନ ମିଳିଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ପଞ୍ଚାୟତର ଦୁର୍ଗାପ୍ରସାଦ ଗ୍ରାମବାସୀ। ବନ୍ଧନୂଆଗାଁ ରାଜସ୍ୱ ମୌଜାର ଏକ ପଡ଼ାଗ୍ରାମ ହେଉଛି ଦୁର୍ଗାପ୍ରସାଦ। ୧୯୦୨ରେ ତତ୍କାଳୀନ ରାଜା ସୁରପ୍ରତାପ ମହିନ୍ଦ୍ର ବାହାଦୁରଙ୍କ ଦ୍ୱାରା ଏହି ମୌଜା ସ୍ଥାପିତ ହୋଇଥିଲା। ୧୯୨୪ରେ ତତ୍କାଳୀନ ରାଜାଙ୍କ ଦ୍ୱାରା ଏହି ଗ୍ରାମକୁ ପୃଥକ୍ କରାଯାଇଥିଲା। ଗ୍ରାମର ଲୋକସଂଖ୍ୟା ୧୪ଶହରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ଭୋଟର ସଂଖ୍ୟା ୯୦୦। ଏଠାରେ ବିଦ୍ୟାଳୟ, ପୁଷ୍କରିଣୀ, କୋଠଘର, ଯୁବକ ସଂଘ, ମହିଳା ସମିତି, ଗୋଚର ଜମି, ଶ୍ମଶାନ ରହିଛି। ରାଜସ୍ୱ ମୌଜା ମାନ୍ୟତା ଦେବାକୁ ଗ୍ରାମ ପରିଚାଳନା କମିଟି ପକ୍ଷରୁ ୨୦୧୬ ଡିସେମ୍ବର ୨୧, ୨୦୧୭ ଅଗଷ୍ଟ ୨୦ ଏବଂ ୨୦୧୮ ଜୁଲାଇ ୨ରେ ପ୍ରଶାସନକୁ ଲିଖିତ ଭାବେ ଜଣାଯାଇଛି। ଏ ସମ୍ପର୍କରେ ବିସିପି କେସ୍ ନଂ. ୧/୧୧ ଜିଲାପାଳଙ୍କ ଅଦାଲତରେ ବିଚାରାଧୀନ ରହିଛି। ଏ ଦିଗରେ ପ୍ରଶାସନ ପଦକ୍ଷେପ ନ ନେଲେ ଗ୍ରାମବାସୀ ଆଗାମୀ ନିର୍ବାଚନ ବର୍ଜନ କରିବେ ଗ୍ରାମ ସଭାପତି ମାଧବାନନ୍ଦ କର, ସମ୍ପାଦକ ସନ୍ତୋଷ ରାଉଳ, କୋଷାଧକ୍ଷ ନିତ୍ୟାନନ୍ଦ ରାଉତ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସ୍ମୃତିସଭା

**ଭାପୁର, ୧୬।୯(ଡି.ଏନ.ଏ.)**

ଢେଙ୍କାନାଳ ସଦର ବ୍ଲକ ବାଲ୍ୟାମ୍ବା ପଞ୍ଚାୟତ ରାଇଡ଼ିହି ଗ୍ରାମର ପୂର୍ବତନ ସେନା କର୍ମଚାରୀ ନୃପବର ଧଳଙ୍କ ଏକାଦଶାହରେ ରବିବାର ଛଦେଶ ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତିସଭା ଆୟୋଜିତ ହୋଇଯାଇଛି। ସଭାପତି ନୀଳମଣି ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ସରପଞ୍ଚ ଅଖିଳ ଲେଙ୍କା, ମଧୁସୂଦନ ଜେନା, ବିଷ୍ଣୁ ପ୍ରସାଦ ଲେଙ୍କା, ଜ୍ଞାନରଞ୍ଜନ ନାୟକ, ବାଉରୀବନ୍ଧୁ ଲେଙ୍କା, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ରହି ନୃପବରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ବାଲ୍ୟାମ୍ବା ସରପଞ୍ଚ ଏବଂ ଛଦେଶ ସାହିତ୍ୟ ସଂସଦର ସଭାପତି ଭାବେ ନୃପବର ଦକ୍ଷତାର ସହ କାର୍ଯ୍ୟ ତୁଲାଇଥିଲେ। ସେନାବାହିନୀର କାର୍ଯ୍ୟଦକ୍ଷତା ପାଇଁ ତାଙ୍କୁ ମିଳିଥିଲା କ୍ୟାପଟେନ୍ ଉପାଧି। ପ୍ରଫୁଲ୍ଲ ପଣ୍ଡା, ଗତିକୃଷ୍ଣ ବିଶ୍ୱାଳ, କୁଞ୍ଜବିହାରୀ ସାହୁ ପ୍ରମୁଖ କବିତା ପାଠ ପୂର୍ବକ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

---

**ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ**

# ଖର୍ଚ୍ଚ ହେବ ୮.୩୦ କୋଟି

**ଭୁବନ, ୧୬।୯(ଡି.ଏନ.ଏ.)**

ପୂର୍ତ୍ତ ବିଭାଗ ପକ୍ଷରୁ ଭୁବନ ବ୍ଲକ ଶାମଳ ଛକରୁ ଦର୍ଜନୀ ଏବଂ ଦର୍ଜନୀ ଛକରୁ ଅନଳ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେବ। ୧୨କିମି ୮୦୫ମିଟର ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତା ପାଇଁ ଖର୍ଚ୍ଚ ହେବ ୭କୋଟି ୫୦ଲକ୍ଷ ଟଙ୍କା। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦର୍ଜନୀ ଛକରୁ ସେନନ୍ଦା ଗ୍ରାମ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ତିଆରି କରାଯିବ। ୨କିମି ୧୫ ମିଟର ବିଶିଷ୍ଟ ଉକ୍ତ ରାସ୍ତା ନିର୍ମାଣ ପାଇଁ ୮୦ଲକ୍ଷ ୬୦ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି। ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ରବିବାର ଉଭୟ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଏନ୍ଏସି ଅଧକ୍ଷ ନନ୍ଦକିଶୋର ସାହୁ, ଶ୍ରୀବତ୍ସ ଛାଟୋଇ, ମାୟାଧର ପଣ୍ଡା, ସୁଧାକର ସାହୁ, ପ୍ରଭାକର ସାହୁ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଉପ ନିର୍ବାହୀଯନ୍ତ୍ରୀ ପ୍ରତାପ ହରିପାଲ, ସହକାରୀ ଯନ୍ତ୍ରୀ ନିରଞ୍ଜନ ସାଇଁ, ଗ୍ରାମ ଉନ୍ନୟନ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଓଝା, ଉପ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଧଳସାମନ୍ତ, ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନଳ ଗ୍ରାମରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଖଣିମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳରେ ବାକି ରହିଥିବା ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ବହୁ ଅଞ୍ଚଳବାସୀ ଓ କର୍ମୀ ଉପସ୍ଥିତ ଥିଲେ।


ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

---

**ସମତାକ୍ରାନ୍ତି ଦଳର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ**

# ଦୁର୍ନୀତି ଦୁର୍ଗନ୍ଧରେ ଜନତା ବିବ୍ରତ


ସମ୍ମିଳନୀରେ ସମତାକ୍ରାନ୍ତି ଦଳର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ୍, ୧୬।୯**

ଢେଙ୍କାନାଳ ଜିଲା ସମତାକ୍ରାନ୍ତି ଦଳ ପକ୍ଷରୁ ଗୋପବନ୍ଧୁ ଟାଉନ୍ ହଲ୍‌ରେ ରବିବାର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଶାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଦଳର ପ୍ରତିଷ୍ଠାତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଉଦ୍‌ଘାଟନ କରି କହିଲେ, ବିଜେଡି ସରକାର ଦେଶରେ ସବୁଠାରୁ ଦୁର୍ନୀତିଗ୍ରସ୍ତ। ସିଏଜି ରିପୋର୍ଟରେ ଏହି ଦୁର୍ନୀତି ପଦାକୁ ଆସିଛି। ଖଣିଜ ଲୁଟ୍ ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ହେଉଥିବା ମାତ୍ରାଧିକ ଦୁର୍ନୀତିର ଦୁର୍ଗନ୍ଧରେ ଜନତା ବିବ୍ରତ ହୋଇଗଲେଣି। ଚିଟ୍‌ଫଣ୍ଡ ଠକେଇରେ ମନ୍ତ୍ରୀ, ବିଧାୟକ, ଏମ୍‌ପିଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇସାରିଛି। ଏସବୁର ନିରପେକ୍ଷ ତଦନ୍ତ ଲୋଡ଼ା। ଲୋକାୟୁକ୍ତ ବିଧେୟକକୁ ସମାଲୋଚନା କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ କହିଲେ, ଦନ୍ତ ବିହୀନ ଏହି ଆଇନରେ ଭିଜିଲାନ୍ସକୁ ଲୋକାୟୁକ୍ତ ଅଧୀନ କରାଯାଇନାହିଁ। ନାଗରିକ ଅଧିକାରକୁ ସ୍ୱୀକୃତି ମଧ ଦିଆଯାଇନାହିଁ। ଏଣୁ ଭ୍ରଷ୍ଟାଚାର ରୋକିବାରେ ଏହା ସଫଳ ହେବନାହିଁ। ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ସତ୍ତ୍ୱେ ଜିଲାବାସୀ ବିଦ୍ୟୁତ୍ କାଟ ସମସ୍ୟା ଭୋଗିବା ପରିତାପର ବିଷୟ ବୋଲି ସେ କହିଛନ୍ତି। ଏଥିସହ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ କୃଷି ଓ ସମବାୟ ବ୍ୟାଙ୍କରେ ହୋଇଥିବା ଦୁର୍ନୀତି ଅଭିଯୋଗର ସେ ତଦନ୍ତ ଦାବି କରିଛନ୍ତି। ସେହିପରି କେନ୍ଦ୍ର ସରକାର ଲୋକପାଳ ଗଠନ କରୁ ନ ଥିବାରୁ ସେ ସମାଲୋଚନା କରିଥିଲେ।

ସମ୍ମିଳନୀରେ ଦଳର ମୁଖ୍ୟ ସଂଯୋଜକ ତଥା ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ଯୁବ ସଭାପତି ସାରଦା ପ୍ରସନ୍ନ ସ୍ୱାଇଁ, ନୟାଗଡ଼ ଜିଲା ସଭାପତି ମଦନ ନନ୍ଦ, ଅନୁଗୋଳ ଜିଲା ସଭାପତି ପ୍ରଦୀପ ସାହୁ, ରାଜ୍ୟ ସଂଯୋଜକ ଶୁଭମ୍‌ସାଇ ମିଶ୍ର, ଢେଙ୍କାନାଳ ଜିଲା ସଭାପତି ସରୋଜ ଶତପଥୀ ପ୍ରମୁଖ ରାଜ୍ୟ ସରକାରଙ୍କ ଅପାରଗତା ନେଇ ବର୍ଷିଥିଲେ। ପ୍ରଶାନ୍ତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

---

## ଅନ୍ୟାୟକୁ ବରଦାସ୍ତ କରାଯିବନି: ଏଏପି

**ଢେଙ୍କାନାଳ ଅଫିସ,୧୬।୯**

ଢେଙ୍କାନାଳ ଗଣେଶ ବଜାରସ୍ଥିତ ସିଙ୍ଗାର ମଣ୍ଡପରେ ରବିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ପଙ୍କଜ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗଦେଇ ବୁଥସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଦଳିତଙ୍କ ଉପରେ ହେଉଥିବା ନିର୍ଯାତନାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବନାହିଁ। ଅନ୍ୟାୟ ବିରୋଧରେ ତୀବ୍ର ସ୍ୱର ଉତ୍ତୋଳନ କରାଯିବ। ଜିଲାରେ ହେଉଥିବା ଦୁର୍ନୀତି ଓ ପ୍ରଶାସନିକ ଅବ୍ୟବସ୍ଥା ନେଇ ସମସ୍ତେ ଏକଜୁଟ୍ ହେବାକୁ ସେ ଆହ୍ୱାନ କରିଥିଲେ।

ସମ୍ମିଳନୀରେ ମାନସ ଜେନା, ମଧୁସୂଦନ ଯାଦବ, ଶେଖ ମସକିମ୍ ବକ୍ସ, ଅବଦୁର ରେହମାନ, ନୁରୁଲ ଇସ୍‌ଲାମ, ରେସମା ଖାତୁନ, ସନ୍ଦୀପ ରଥ, ନିଆଜ ଅଲ୍ଲୀ ପ୍ରମୁଖ ରାଜ୍ୟସ୍ତରୀୟ ନେତୃବୃନ୍ଦ ଆଲୋଚନାରେ ଭାଗ ନେଇଥିଲେ। ଜିଲା ମହିଳା ସଭାପତି ମହେରୁନ ନିଶା, ଶିକ୍ଷକ ନେତା କୁଞ୍ଜ ବିହାରୀ ଲେଙ୍କା, ରଘୁନାଥ ମିଶ୍ରଙ୍କ ସମେତ ବିଧାନସଭା ନିର୍ବାଚନମଣ୍ଡଳୀର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସଂଯୋଜକ ଆଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

---

# ବାହୁଡ଼ିବେ ବିଘ୍ନବିନାଶକ: ୧୮ରେ ମେଲଣ

**ଭୁବନ, ୧୬।୯(ଡି.ଏନ.ଏ.)**

୭ଦିନ ବ୍ୟାପୀ ପୂଜାର୍ଚ୍ଚନା ପରେ ବୁଧବାର (୧୯ତାରିଖ)ରେ ବାହୁଡ଼ିବେ ବିଘ୍ନ ବିନାଶକ। ଭୁବନ ଏନ୍ଏସିରେ ଚଳିତବର୍ଷ ପ୍ରଥମ ଥର ଲାଗି ମେଲଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାବେଳେ ଏହାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାକୁ ସ୍ଥାନୀୟ ଡାକବଙ୍ଗଳାରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାନ୍ତି କମିଟି ସଭାପତି ବିନୋଦ କୁମାର ମହରଣା ଅଧକ୍ଷତା କରିଥିଲେ।

ଭସାଣି ପୂର୍ବରୁ ୧୮ ତାରିଖରେ ମେଲଣ କାର୍ଯ୍ୟକ୍ରମ ଲାଗି ନିଷ୍ପତ୍ତି ହୋଇଛି। ଅଞ୍ଚଳରେ ପ୍ରଥମ ଥର ହେଉଥିବା ଗଜାନନ ମେଲଣ ଲାଗି ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ଏଥି ପାଇଁ ପ୍ରତି ପୂଜା କମିଟି କର୍ମକର୍ତ୍ତା, ରାଜନୈତିକ ଦଳ, ପ୍ରଶାସନ ଏବଂ ବୁଦ୍ଧିଜୀବୀଙ୍କ ସହଯୋଗ କାମନା କରାଯାଇଥିଲା। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ମେଲଣ ଆରମ୍ଭ ହେବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଯାତ୍ରା ପଡ଼ିଆରେ ସୁସଜ୍ଜିତ ମେଢ଼ଗୁଡ଼ିକୁ କ୍ରମାନ୍ୱୟରେ ରଖାଯିବ। ଅଞ୍ଚଳର କଳାକାରଙ୍କୁ ନେଇ ଅପରାହ୍ନ ୫ଟା ଯାଏ ନୃତ୍ୟ ପ୍ରତିଯୋଗିତା ହେବ। ଏଥିସହ ସାମ୍ବାଦିକ ସଂଘ ପକ୍ଷରୁ ଆଜ୍ଞାଲଡ୍ଡୁ ନିଲାମ କରାଯିବ। ଉକ୍ତ ଅର୍ଥ ରାଶିକୁ ଅଞ୍ଚଳର ଦୁଃସ୍ଥ, ପ୍ରପୀଡ଼ିତଙ୍କୁ ପ୍ରଦାନ କରାଯିବ। ସନ୍ଧ୍ୟାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱ ଏବଂ ଶୃଙ୍ଖଳିତ ପୂଜା କମିଟିକୁ ସମ୍ମାନିତ କରାଯିବ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ଜିନିୟସ କ୍ଲବକୁ ପ୍ରଦାନ କରାଯାଇଛି। ଭିଡ଼ ନିୟନ୍ତ୍ରଣ ଲାଗି ପୋଲିସର ସହଯୋଗ ଲୋଡ଼ାଯାଇଛି। ନନ୍ଦକିଶୋର ସାହୁ, ଶୁଭେନ୍ଦୁ ସାହୁ, ଅଜୟ ସେଠୀ, ସରୋଜ ସାହୁ, ଭଗବାନ ଗୁରୁ, ନରେନ୍ଦ୍ର ସାହୁ, ଅରୁଣ ସାହୁ, ସନ୍ଦୀପ ଦାସଙ୍କ ସମେତ ପ୍ରତି ପୂଜା ମଣ୍ଡପର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

---

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ଜ୍ୟୋତି


@ ରଞ୍ଜିତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**

dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

---

# ଆରମ୍ଭ ହେଲା ହିନ୍ଦୀପକ୍ଷ


କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ଢେଙ୍କାନାଳ ଅଫିସ,୧୬।୯**

ଢେଙ୍କାନାଳ ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟରେ ରବିବାର ହିନ୍ଦୀପକ୍ଷ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ବିଶ୍ୱରେ ସବୁଠୁ ଅଧିକ ଲୋକ କହୁଥିବା ୫ ଭାଷା ମଧରେ ହିନ୍ଦୀ ଅନ୍ୟତମ। ହେଲେ ବିଭିନ୍ନ କାରଣରୁ ଏହାକୁ ରାଷ୍ଟ୍ରଭାଷାର ମାନ୍ୟତା ମିଳିପାରୁନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ଦୂରସଞ୍ଚାର ପ୍ରଧାନ ମହାପ୍ରବନ୍ଧକ ହରିଶଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ଅଧକ୍ଷତା କରି ସ୍କୁଲସ୍ତରରୁ ହିନ୍ଦୀ ଭାଷା ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଉପ ମହାପ୍ରବନ୍ଧକ ଲକ୍ଷ୍ମୀ ନାରାୟଣ ମହାପାତ୍ର, ହିନ୍ଦୀ ସଂଯୋଜକ ନୃସିଂହନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ କାର୍ଯ୍ୟାଳୟର ଅଧିକାରୀଙ୍କ ଦ୍ୱାରା ହିନ୍ଦୀ ଭଜନ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୃହମନ୍ତ୍ରୀ ରାଜନାଥ ସିଂ ଏବଂ ରାଜ୍ୟ ଦୂରସଞ୍ଚାର ପରିବହନ ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ସତ୍ୟାନନ୍ଦ ନାୟକଙ୍କ ଦ୍ୱାରା ହିନ୍ଦୀ ଦିବସ ଉପଲକ୍ଷେ ପ୍ରଦତ୍ତ ବାର୍ତ୍ତା ପାଠ କରାଯାଇଥିଲା।

ସଞ୍ଜୀବ ରାଉତରାୟ, ବୃନ୍ଦାବନ ବେହେରା, ତପସ୍ୱୀ ପ୍ରସାଦ ବେହେରା, ରବୀନ୍ଦ୍ର ଷଡଙ୍ଗୀ, ଲକ୍ଷ୍ମୀକାନ୍ତ ସାହୁ, ଧ୍ରୁବଚରଣ ସାମଲ, ରଶ୍ମିରଞ୍ଜନ ସାହୁ, ଦେବାଶିଷ ସାହୁ, ଭବାନୀ ଶଙ୍କର ଟୁଡ୍ଡୁ, ସରୋଜ ରଞ୍ଜନ ଦାସ, ରବି ନାରାୟଣ ସାହୁ, ତ୍ରିବେଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

୨୮ ତାରିଖ ଯାଏ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଅବସରରେ ଅନୁବାଦ, ଟିପ୍ପଣୀ ଲିଖନ, ବକ୍ତୃତା, କବିତା ପାଠ, ଚିତ୍ର ଓ ସଙ୍ଗିତଭିତ୍ତିକ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

---

## ଫଟୋରେ ଖବର


ଢେଙ୍କାନାଳ ରାଇଜିଂଷ୍ଟାର କ୍ଲବ ପକ୍ଷରୁ ଗଣେଶପୂଜା ଉପଲକ୍ଷେ ରବିବାର ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ଶିଶୁଗୃହ, ଜରାଶ୍ରମର ଅନ୍ତେବାସୀ ଏଥିରେ ସାମିଲ ହୋଇଥିଲେ। ଉପଜିଲାପାଳ ପୀତାମ୍ବର ସାମଲ, ନଗରପାଳ ସୁଧାଂଶୁ ଦଳେଇ, ବାଣିଜ୍ୟ ସଂଘ ସଭାପତି ଶରତ ଚନ୍ଦ୍ର ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।


ଢେଙ୍କାନାଳ ଦେଉଳସାହିସ୍ଥିତ ଆଦୃତା ଶିଶୁସଦନର ଅନ୍ତେବାସୀଙ୍କୁ ଢେଙ୍କାନାଳ ପ୍ରେସ୍ କ୍ଲବ ପକ୍ଷରୁ ରବିବାର ପାଠ୍ୟୋପକରଣ ବଣ୍ଟନ କରାଯାଇଛି। ଏହି ଅବସରରେ ପ୍ରେସ୍ କ୍ଲବର କର୍ମକର୍ତ୍ତାଙ୍କ ଗହଣରେ ଛାତ୍ରୀଛାତ୍ରମାନେ। ଛୋଟଛୋଟ ଶିଶୁଙ୍କୁ ପାଠପଢ଼ା ଲାଗି ଉତ୍ସାହିତ କରାଇବା ଉଦ୍ଦେଶ୍ୟରେ ପ୍ରେସ୍ କ୍ଲବ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି।

